ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର– ୭୫୧୦୦୩

Dr.T.R. Mohanty
Nodal Officer

ସପ୍ତାହ –୪୪

ନ.-୧୦୭୪ (ଓଡିଆ ବୁଲେଟିନ)
ତାରିଖ- ୩୧.୧୦ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୫.୧୦.୨୦୨୫ ରୁ ୩୧.୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 32.3 | 24.4 | 73.1 |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୧. ୧୧. ୨୦୨୫ ରୁ ୦୫. ୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି | ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ଅତି ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ଅତି ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ | ଅତି ସ୍ୱଳ୍ପ ବର୍ଷା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକତାପମାତ୍ରା(°C) | 32 | 32 | 32 | 34 | 34 |
| ସର୍ବନିମ୍ନତାପମାତ୍ରା(°C) | 24 | 23 | 23 | 22 | 22 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 93 | 92 | 90 | 92 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 68 | 61 | 63 | 65 | 61 |
| ପବନରବେଗ (କି.ମି./ଘ.) | 5 | 4 | 5 | 6 | 5 |
| ପବନରଦିଗ | 240 | 290 | 318 | 345 | 352 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୪ – ୦୬ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୪ ଡିଗ୍ରୀ ସେଲସିଅସ ଓ ୨୨ -୨୪ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଧାନ କାଟିବା ୧୫ ଦିନ ପୂର୍ବ ରୁ ଜମି ରୁ ପାଣି କାଟି ଦିଅନ୍ତୁ ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲ କୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି କିଛି କ୍ଷତି ନହୁଏ ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ଶୁଖିଲା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।
- ଉଚ୍ଚ-ମଧ୍ୟମ ଜମିରେ ମାଟିର ବତର ଦେଖି ରବି ଫସଲ ଯଥା ମୁଗ, ବିରି , ଝୁଡୁଙ୍ଗ, ମଟର, ଚିନାବାଦାମ, ରାଶି, ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ ।
- ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ରୁହନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।

## ବିଶେଷ କୃଷି ସୂଚନା

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କ୍ଷୀର ଢୋକିବା ଅବସ୍ଥା/ ପରିପକ୍ୱୋ ଅବସ୍ଥା | ❖ ଧାନ କେଣ୍ଡା କଟା ପୋକ- ଧାନ ଫସଲରେ କେଣ୍ଡା କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ ମି.ଲି Profenophos ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।<br>❖ ମାଟିଆ ଗୁଣ୍ଡି ପୋକ ବା ଚକଡା ପୋକ- ମାଟିଆ ଗୁଣ୍ଡି ପୋକ ବୁଦା ପ୍ରତି ୫ ରୁ ୧୦ ଟି ଦେଖାଦେଲେ ଜମିର ଶୁଷ୍କ ପରିବେଶ କୁ ପରିବର୍ତନ କରନ୍ତୁ, ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ। ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହା ପରେ ଯଦି ପୋକ ଦେଖାଯାଏ ତେବେ ଏକର ପ୍ରତି ୧୨୦ ଗ୍ରାମ Pymetrozine ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Dinotefuran ନାମକ କୀଟନାଶକ କିମ୍ବା ୧୦୦ ମିଲି Triflumezopyrim ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ବୁଦା ମୂଳକୁ ଲକ୍ଷ୍ୟ କରି ସିଂଚନ କରନ୍ତୁ । ସର୍ବଦା ଅନୁମୋଦିତ କୀଟନାଶକ କୁ ସଠିକ ମାତ୍ରା ରେ ବ୍ୟବହାର କରନ୍ତୁ ।<br>❖ ଗନ୍ଧି ପୋକ ବା ଛଗୋଡିଆ ପୋକ - ଧାନ ଫସଲରେ ଗନ୍ଧି ପୋକ ବା ଛଗୋଡିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ କିମ୍ବା ୪୦୦-ମିଲି ମାଲାଥିୟନ (Malathion) ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳରେ ଏକର ପ୍ରତି ୧୦-କି.ଗ୍ରା. କ୍ଲୋରୋପାଇରିଫସ (Chlorpyriphos) କିମ୍ବା ମାଲାଥିୟନ (Malathion) ଗୁଣ୍ଡକୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ଫସଲ ଉପରେ ଡଷ୍ଟର ଦ୍ୱାରା ପ୍ରୟୋଗ କରନ୍ତୁ । |
| ଚିନାବାଦାମ: | ପରିପକ୍ୱୋ ଅବସ୍ଥା / ଅମଳ ଅବସ୍ଥା | ❖ ଅମଳ ପରବର୍ତୀ ଯତ୍ନ- ପଲିଥିନ ଯୁକ୍ତ ବସ୍ତାରେ ବାଦାମ ସାଇତି ରଖନ୍ତୁ। ପଲିଥିନ ଯୁକ୍ତ ବସ୍ତା ଭିତର କୁ ବାହାର ର ଆଦ୍ରତା ସହଜରେ ପଶିପାରେ ନାହିଁ । ୩୦-କିଲୋଗ୍ରାମ ବିହନ ପାଇଁ ୨୫୦-ଗ୍ରାମ Calcium Chloride ବସ୍ତା ଅନୁଯାୟୀ ଗୋଟିଏ ପ୍ଲାଷ୍ଟିକ ଡବା ରେ କନା ରେ ଝୁଲାଇ ଡବା ମୁହଁ ବନ୍ଦ କରି ବସ୍ତା ମଝିରେ ରଖନ୍ତୁ । ଡବା ଭିତର କୁ ବାୟୁ ପ୍ରବେଶ କରିବା ପାଇଁ ମୋଟା ଛୁଞ୍ଚି ରେ ଡବାର ଉପରି ଭାଗରେ କେତୋଟି କଣା କରନ୍ତୁ। ବସ୍ତା ର ମୁହଁ ବାନ୍ଧି ବସ୍ତା ଟିକୁ ସିଧା ଭାବରେ ବାୟୁ ଚଳାଚଳ କରୁ ଥିବା ଘରେ ସାଇତି ରଖିଲେ ବାଦାମ ର ଗଜା ଶକ୍ତି ୮-୧୦ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହେ । |
| ମକା | ପରିପକ୍ୱୋ ଅବସ୍ଥା / ଅମଳ ଅବସ୍ଥା | ❖ ମକା ର ଉପର ଚୋପା ହଳଦିଆ ରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ। ଏହି ସମୟରେ ଦାନା ଗୁଡିକ ଟାଣ ହୋଇଥାଏ ଏବଂ ଆଦ୍ରତା ୩୦ ଶତକଡା ରହିଥାଏ। ଦାନା କୁ ଛଡାଇଲେ ଯଦି ଛାଡିବା ସ୍ଥାନରେ ବାଦାମି କିମ୍ବା କଳା ରଙ୍ଗର ଚିହ୍ନ ରହୁଛି ତେବେ ମକା ଅମଳ ପାଇଁ ଉପଯୁକ୍ତ। ଗଛ ରୁ ମକା କୁ ଭାଙ୍ଗି ଚୋପା ଛଡାଇ ୭-୮ ଦିନ ଟାଣ ଖରାରେ ଶୁଖାଇ ଆଦ୍ରତା ୧୨-୧୫ ଶତକଡା ରଖନ୍ତୁ । |

| | | |
|---|---|---|
| ଆଖୁ | ପାକଳ ଅବସ୍ଥା | ❖ ନାଲି ଶଢା ରୋଗ - ଆଖୁ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ carbendazim ଏବଂ mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Metalaxyl ଏବାଂ mancozeb ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଫଳମାଛି - ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪-ଲିଟର ପାଣି ରେ ୪୦୦-ଗ୍ରାମ ଗୁଡ ଓ ୮-ମିଲି malathion ବା DDVP କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷ ଥୋପ କୁ ଏକ ଏକର କଖାରୁଜାତୀୟ ପନିପରିବା ଫସଲ ରେ ୮୦ ଟି ସ୍ଥାନ ରେ ଛୋଟ ସଢେଇ କିମ୍ବା ମାଟି ସରା କିମ୍ବା ପ୍ଲାଷ୍ଟିକ କପ ରେ ରଖି ଗଛ ମୂଳ ରେ ରଖନ୍ତୁ । ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| ଅମୃତଭଣ୍ଡା | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଦହିଆ/ ଚୂର୍ଣ ପୃଷ୍ଠ ପୋକ- ପ୍ରାରମ୍ଭିକ ଅବସ୍ଥା ରେ ଦହିଆ/ ଚୂର୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନକରନ୍ତୁ । ଏହା ବ୍ୟତୀତ ଗଛ ରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇପାରିବ । ପୋକ ର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ କିମ୍ବା ୩-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଅଙ୍ଗୀୟ ଅଭିବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ଝୋଶୋକ କୀଟ - ପ୍ରାରମ୍ଭିକ ଅବସ୍ଥାରେ ଏହି କୀଟ ପରିଚାଳନା ପାଇଁ ୨୦୦ ଲି. ପାଣିରେ ୬୦୦ ମି.ଲି. ନିମ୍ବ ଜାତୀୟ କୀଟନାଶକ (୧୫୦୦ ପି.ପି.ଏମ. Azadiractin) ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମି.ଲି. Fenobucarb ନାମକ କୀଟନାଶକ ୨୦୦- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ପଶୁ ସମ୍ପଦ | ❖ ଥନହରା ରୋଗ-<br>ଥନହରା ରୋଗ ସାଧାରଣତଃ ଦୁଧିଆଳି ଗାଈ ମାନଙ୍କ ଠାରେ ଦେଖାଯାଇଥାଏ । ଏତଦ ବ୍ୟତୀତ ପହ୍ନାରେ କ୍ଷତ , ଅପରିଷ୍କାର ଦୁହାଁଳି ଓ ଗାଈ ମାନଙ୍କୁ ଅପରିଷ୍କାର ଓ ସନ୍ତସନ୍ତିଆ ଜାଗାରେ ବାନ୍ଧିବା ଯୋଗୁଁ ଏହି ରୋଗ ହେବାରେ ସମ୍ଭାବନା ଥାଏ । ଏହି ରୋଗରେ ଚିର ଓ ପହ୍ନା ଫୁଲିଯାଏ , ଟାଣ ଲାଗେ, କ୍ଷୀର ବାହାରେ ନାହିଁ । ଏଥିରୁ ମୁକ୍ତି ପାଇବା ପାଇଁ ସଫା ହାତରେ କ୍ଷୀର ଦୁହିଁବା ଦରକାର । ଘରର ଚଟାଣ ସଫା ଏବଂ ଶୁଖିଲା ରଖନ୍ତୁ ଏବଂ ଗାଈ ଦୁହିଁ ସାରିବା ପରେ ୧୦ ମିନିଟ ପର୍ଯ୍ୟନ୍ତ ଗାଈ କୁ ଛିଡା କରାଇ ଘାସ କିମ୍ବା ପାଳ ଖାଇବାକୁ ଦିଅନ୍ତୁ । | |
| ମତ୍ସ୍ୟ ସମ୍ପଦ: | ❖ ମାଛର ଚକ୍ଷୁ ରୋଗର ନିରାକରଣ<br>ଏହି ରୋଗ ଦ୍ୱାରା ମାଛ ର ଚକ୍ଷୁ ପିତୁଳି ସମ୍ପୂର୍ଣ ପଚିଯାଇ ମାଛ ଅନ୍ଧ ହୋଇଯାଏ । ସଂକ୍ରମଣ ର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ସବୁ ଭାକୁର ମାଛଗୁଡିକ ମୃତ୍ୟୁ ମୁଖରେ ପଡନ୍ତି। ଏହି ରୋଗ ଦେଖା ଦେଲେ ୨ ଗ୍ରାମ କ୍ଲୋରୋମାଇସେଟିନ ଔଷଧ କୁ ୨୦୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ଏଥିରେ ଆକ୍ରାନ୍ତ ମାଛଗୁଡିକ ୧ ଘଣ୍ଟା ପର୍ଯନ୍ତ ବୁଡାଇ ପୋଖରୀରେ ଛାଡିବା ଉଚିତ। ଏହି ପରି ୨ - ୩ ଦିନ ଚିକିସା କରାଗଲେ ମାଛ ର ଚକ୍ଷୁ ରୋଗ ଭଲ ହୋଇଥାଏ । | |


ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ


ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)